## ସଂକ୍ଷେପରେ

### ସୁଶାନ୍ତ ସମ୍ପାଦକ ମନୋନୀତ

**ଆଠମଲ୍ଲିକ, ୩୦।୧୨ (ଡି.ଏନ.ଏ.):** ଭୁବନେଶ୍ୱର ରେଲୱେ ଅଡିଟୋରିୟମ ଠାରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନରେ କର୍ମକର୍ତ୍ତା ନିର୍ବାଚନ ବେଳେ ଆଠମଲ୍ଲିକ ଆଇନଜୀବୀ ସଂଘର ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କୁ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସୁଶାନ୍ତ କୁମାରଙ୍କୁ ଦିଆଯାଇଥିବା ଏହି ନୂଆ ପଦବୀ ପାଇଁ ଆଠମଲ୍ଲିକ ଓକିଲ ସଂଘର ବହୁ ସଦସ୍ୟ ଖୁସି ବ୍ୟକ୍ତ କରିଥିବା ବେଳେ ଆଇନଜୀବୀମାନଙ୍କ ସୁରକ୍ଷା ଓ ମୌଳିକ ସମସ୍ୟା ସମାଧାନ ଦିଗରେ ସହଯୋଗ କରିବେ ବୋଲି ସୁଶାନ୍ତ ମତ ପ୍ରକାଶ କରିଛନ୍ତି।



### ୨ ଅଜଗର ଉଦ୍ଧାର



**ଅନୁଗୋଳ ଅଫିସ, ୩୦।୧୨:** ଅନୁଗୋଳ ସହର ଉପକଣ୍ଠ ଶ୍ରୀମେଟାଲିକ୍ସ କମ୍ପାନୀ ପରିସରରୁ ୨୭ ଓ ୨୮ ତାରିଖରେ ୨ଟି ଅଜଗର ଉଦ୍ଧାର କରାଯାଇଛି। କମ୍ପାନୀ ପରିସରରେ ଅଜଗର ଦେଖି କର୍ମଚାରୀ ଶୁଭ୍ର ନାରାୟଣ ଦଳବେହେରା ଅନୁଗୋଳର ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଜଣାଇଥିଲେ। ଖବରପାଇ ବେହେରା ସହଯୋଗୀ ପିଣ୍ଟୁ ବେହେରା, ବିଜୁ ଭୋଇ ଏବଂ ରାଜେଶ ରଞ୍ଜନ ସାହୁଙ୍କ ସହ ରାତି ୧୦ଟାରେ ପହଞ୍ଚି ଅଜଗରକୁ ଉଦ୍ଧାର କରିବା ସହ ଅନୁଗୋଳ ସଦର ବନପାଳଙ୍କୁ ସୂଚନା ଦେଇଥିଲେ। ପରେ ସଦର ବନପାଳ ହରମୋହନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସୁସ୍ଥ ଥିବା ଅଜଗର ୨ଟିକୁ ନିକଟସ୍ଥ ସୁରକ୍ଷିତ ପ୍ରାକୃତିକ ଆବାସସ୍ଥଳୀରେ ଛାଡି ଦିଆଯାଇଥିଲା।

### ହାତୀ ଆକ୍ରମଣରେ ବଳଦ ମୃତ

**ଛେଣ୍ଡିପଦା,୩୦।୧୨(ସ୍ୱ.ପ୍ର.):** ଛେଣ୍ଡିପଦା ବନାଞ୍ଚଳ ବଘୁଆବୁଲ ପାଟକମୁଣ୍ଡା ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ପୂର୍ଣ୍ଣଚନ୍ଦ୍ର ଭୂତିଆଙ୍କ ଏକ ବଳଦର ମୃତ୍ୟୁ ହୋଇଛି। ବୁଧବାର ରାତିରେ ଉକ୍ତ ଦନ୍ତାହାତୀ ଖାଦ୍ୟ ଅନ୍ୟେଷଣରେ ଗ୍ରାମ ଭିତରକୁ ପଶି ଆସିଥିବାବେଳେ ଖଳାରେ ବନ୍ଧା ହୋଇଥିବା ବଳଦକୁ ମାରି ଦେଇଥିଲା। ପାଖରେ ଥିବା ଅନ୍ୟ ବଳଦର ରଡି ଶୁଣି ଲୋକମାନେ ପାଟି କରିବାରୁ ହାତୀଟି ପାଟକମୁଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲା। ଉକ୍ତ ହାତୀ ଦୀର୍ଘଦିନ ହେବ ପାଟକମୁଣ୍ଡା, ବାଘୁଆବୁଲ, ନୁଆଗାଁ, କଣଲୋଇ ଆଦି ଅଞ୍ଚଳରେ ବାରମ୍ବାର ଧନଜୀବନ ନଷ୍ଟ କରୁଥିବାରୁ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିବା ବେଳେ ଗ୍ରାମବାସୀ କ୍ଷତିପୂରଣ ସହ ହାତୀକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି।

### ବାପାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୩୦।୧୨ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୃତ୍ତିବାସପୁର ଗ୍ରାମର ପ୍ରାଣବନ୍ଧୁ ପଲେଇଙ୍କୁ ତାଙ୍କ ପୁଅ ସଞ୍ଜୀବ ପଲେଇ ମାଡ଼ ମାରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ପ୍ରାଣବନ୍ଧୁ ଧାନ ଅମଳ କରି ଘରେ ରଖିଥିବା ବେଳେ ସଞ୍ଜୀବ ଗୁରୁବାର ରାତିରେ ଏକ ବସ୍ତା ଧାନ ନେଇ ବିକ୍ରି କରିଦେଇଲେ। ଏ ନେଇ ପ୍ରାଣବନ୍ଧୁ ପଚାରିବାରୁ ସଞ୍ଜୀବ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ପୋଲିସ ନମ୍ବର ୩୪୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜମିବ ଜିରୋ ନାଇଟ୍

- ନୂଆବର୍ଷକୁ ସ୍ୱାଗତ ପାଇଁ ଅନୁଗୋଳ ଯୁବଗୋଷ୍ଠୀଙ୍କ ପ୍ରସ୍ତୁତି
- ସହରର ବିଭିନ୍ନ ହୋଟେଲରେ ସରିଆସିଲାଣି ବୁକିଂ
- ମଧ୍ୟରାତିରେ ବାଜା, ବାଣରେ ହେବ ସ୍ୱାଗତ

**ଅନୁଗୋଳ ଅଫିସ, ୩୦।୧୨**

ଆଉ ମାତ୍ର କିଛି ଘଣ୍ଟାର ଅପେକ୍ଷା। ୨୦୨୨କୁ ଦିଆଯିବ ବିଦାୟ। ୨୦୨୩କୁ କରାଯିବ ଭବ୍ୟ ସ୍ୱାଗତ। ଏଥିପାଇଁ ଅନୁଗୋଳରେ ଚାଲିଛି ଜୋର୍‌ଦାର ପ୍ରସ୍ତୁତି। ଭୋଜି, ବାଣ, ବାଜା ପାଇଁ ବିଭିନ୍ନ କ୍ଲବ, ସାହିରେ ଯୋଜନା ହୋଇଥିବା ବେଳେ ସହରର ଏକାଧିକ ହୋଟେଲରେ ଜିରୋ ନାଇଟ୍ ସେଲିବ୍ରେଶନର ଆୟୋଜନ କରାଯାଇଛି। ଏଥିପାଇଁ ବୁକିଂ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଜିରୋ ନାଇଟ୍ ସେଲିବ୍ରେଶନକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଦେଖାଦେଇଛି ବେଶ୍ ଉତ୍ସାହ ଓ ଉଦ୍ଦୀପନା।

କରୋନା କାରଣରୁ ୨୦୨୧ ଓ ୨୦୨୨ ନବବର୍ଷ ସ୍ୱାଗତ କାର୍ଯ୍ୟକ୍ରମ ନିରାଡ଼ମ୍ବର ଥିଲା। କଡ଼ା କୋଭିଡ୍ କଟକଣା ଲାଗିଥିବାରୁ ଲୋକେ ଏହି ସ୍ୱାଗତ କାର୍ଯ୍ୟକ୍ରମର ସ୍ୱାଦ ପାଇପାରି ନ ଥିଲେ। ଏପରି କି ମହାମାରୀକୁ ନେଇ ଅନେକ ଆତଙ୍କିତ ମଧ୍ୟ ହୋଇପଡ଼ିଥିଲେ। ହେଲେ ଏଥର ସେହି ସ୍ଥିତି ନାହିଁ। କୋଭିଡ୍ ଶେଷ ହୋଇ ନ ଥିଲେ ବି କଟକଣା ଢିଲା ରହିଛି। ତେଣୁ ପୁରୁଣା ବର୍ଷକୁ ବିଦାୟ ଓ ନୂଆବର୍ଷକୁ ସ୍ୱାଗତ ପାଇଁ ଅନୁଗୋଳ ଜିଲାର ଯୁବଗୋଷ୍ଠୀ ଓ ହୋଟେଲ ଗୁଡ଼ିକ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି। ଅନୁଗୋଳ ସହରର କମଲେସ ହୋଟେଲରେ ଜିରୋ ନାଇଟ୍ ସେଲିବ୍ରେଶନ୍ କରାଯିବ। ଏ ନେଇ ୮୦ ପ୍ରତିଶତ ବୁକିଂ ଶେଷ ହୋଇସାରିଛି। ଏଠାରେ ସେଲିବ୍ରେଶନ୍‌ରେ ସାମିଲ ଲୋକେ ଭରପୂର ମନୋରଞ୍ଜନ ପାଇବା ସହ ଖାଦ୍ୟପେୟର ମଜା ନେଇପାରିବେ। କୌଣସି ଅଶ୍ଳୀଳ ନୃତ୍ୟ କରାଯିବ ନାହିଁ। ତେବେ ଲୋକଙ୍କ ପାଇଁ ହାଇଜନିକ୍ ଫୁଡ୍ ପ୍ରସ୍ତୁତ କରାଯିବ। ଚିକେନ୍ ଉପରେ ଅଧିକ ଆଇଟମ୍ ରହିବାକୁ ଥିବାବେଳେ ନିରାମିଷାଶୀଙ୍କ ପାଇଁ ଛତୁ, ପନିରରେ ଭଳିକି ଭଳି ଡିସ୍ ରଖାଯିବ ବୋଲି ହୋଟେଲ ପକ୍ଷରୁ କୁହାଯାଇଛି। ସେହିଭଳି ସହରରେ ଥିବା କ୍ଲବ ଗୁଡ଼ିକରେ ମଧ୍ୟ ଭୋଜିର ଆୟୋଜନ କରାଯାଇଛି। କେତେକ କ୍ଲବ ପକ୍ଷରୁ ଡିଜେ ଓ ବାଣ ଯୋଗାଡ଼ ଶେଷ ହୋଇଛି। ତେବେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସହରରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଦ୍ରୁତଗତିରେ ଗାଡ଼ି ଚାଳନା ରୋକିବା ଓ ମଦ୍ୟପଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜିଲାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ସୀମିତ ଲୋକଙ୍କୁ ନେଇ ସେଲିବ୍ରେଶନ



କରୋନା କଟକଣା ପାଇଁ ୨ ବର୍ଷ ହେବ ଜିରୋ ନାଇଟ୍ ସେଲିବ୍ରେଶନ ହୋଇ ନ ଥିଲା। ତେବେ ଚଳିତବର୍ଷ ଏ ନେଇ ହୋଟେଲରେ ବୁକିଂ ଆରମ୍ଭ ହୋଇଛି। ସାମିଲ ହେବାକୁ ଥିବା ସୀମିତ ଲୋକଙ୍କୁ ସୁସ୍ୱାଦ ଖାଦ୍ୟ ସହ ମନୋରଞ୍ଜନ ଯୋଗାଇ ଦେବାର ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିସହ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

**-ଶ୍ୱେତ ସ୍ୱାଇଁ, ମାଲିକ, କମଲେସ୍ ହୋଟେଲ**

### ରକ୍ତଦାନ ଶିବିର କରାଯିବ



ବନ୍ଧୁମାନଙ୍କ ଗହଣରେ ନୂଆବର୍ଷକୁ ସ୍ୱାଗତ କରାଯିବ। କିଭଳି ଏହି ଦିନକୁ ସ୍ମରଣୀୟ କରାଯିବ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ତେବେ ଏକ ରକ୍ତଦାନ ଶିବିର ଆୟୋଜନ କରିବାକୁ ମଧ୍ୟ ଯୋଜନା ରଖାଯାଇଛି।

**-ଅନୁପ କୁମାର ସାମଲ, ମହିମା ନେହେରୁ କ୍ଲବ, ଶିମିଳିପଡ଼ା**

### ଭୋଜି, କେକ୍ କଟାଯିବ



ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଭୋଜିଭାତ ସାଙ୍ଗକୁ ନୃତ୍ୟ କାର୍ଯ୍ୟକ୍ରମ ରଖାଯାଇଛି। ରାତିରେ କେକ୍ କଟାଯାଇ ନୂଆବର୍ଷକୁ ସ୍ୱାଗତ କରାଯିବ। ଏଥିସହ ବାଣ ମଧ୍ୟ ଫୁଟାଯିବ।

**-ଶିବାନୀ ଶଙ୍କର ଗୌଡ଼, ମହାବିନାୟକ କ୍ଲବ, ଅମଲାପଡ଼ା**

### ପରିବାର ସହ ରହି ମଜା ଉଠାଇବୁ



କଲେଜ ଛୁଟି ଥିବାରୁ ପରିବାର ସଦସ୍ୟଙ୍କ ଗହଣରେ ନୂଆବର୍ଷ ପାଳନ ପାଇଁ ଯୋଜନା କରାଯାଇଛି। ପିଲାବେଳର ସାଙ୍ଗମାନଙ୍କ ସହ ବହୁ ମଜା କରାଯିବ। ଭୋଜି, ନାଚ ଗୀତରେ ନୂଆବର୍ଷକୁ ସ୍ୱାଗତ କରାଯିବ।

**-ରୋସନ ଦାସ, ଛାତ୍ର, ଅନୁଗୋଳ**

## ଅବକାରୀ ଚଢ଼ାଉ, ୧୦ ଚୋରା ବେପାରୀ ଗିରଫ



**ବଇଣ୍ଡା, ୩୦।୧୨ (ଡି.ଏନ.ଏ.)**

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଆଠମଲ୍ଲିକ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୬୮୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ ସହ ୧୦ ଜଣଙ୍କୁ ଗିରଫ କରାଯାଇଛି। ଦେଉଳବେଡା ଗ୍ରାମର ପଦ୍ମିନୀ ମିର୍ଦ୍ଧାଙ୍କ ଘରୁ ୧୦୦ ଲିଟର, ସୁଲୋଚନା ବେହେରାଙ୍କ ଘରୁ ୧୦୦ ଲିଟର, ସୁକୁମାରୀ ପ୍ରଧାନଙ୍କ ଘରୁ ୨୨ ଲିଟର, ପ୍ରଦୀପ ବେହେରାଙ୍କ ଘରୁ ୧୦୦ ଲିଟର, ପ୍ରମିଳା ବେହେରାଙ୍କ ଘରୁ ୧୦୦ ଲିଟର, ଚୈତନ୍ୟ ବେହେରାଙ୍କ ଘରୁ ୩୦ ଲିଟର, ଦୁଧିଆନାଳୀ ଗ୍ରାମର ଲଛମନ ମୁଣ୍ଡାଙ୍କ ଘରୁ ୫୦ ଲିଟର, ଅରୁଣ ମୁଣ୍ଡାଙ୍କ ଘରୁ ୧୦୦ ଲିଟର, ଗୁଲା ମୁଣ୍ଡାଙ୍କ ଘରୁ ୫୦ ଲିଟର, ଓଡସିଙ୍ଗା ଗ୍ରାମର ଶକୁନ୍ତଳା ରଣାଙ୍କ ଘରୁ ୩୦ ଲିଟର ଚୋରା ଦେଶୀ ମଦ ଜବତ ହୋଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀ ଧର ପ୍ରହରାଜଙ୍କ ସମେତ କର୍ମଚାରୀମାନେ ଚଢ଼ାଉ କରିଥିଲେ।

## ପଞ୍ଚାୟତ ଅଫିସରେ ତାଲା



ପଞ୍ଚାୟତ ଅଫିସରେ ତାଲା ପଡ଼ିଥିବାରୁ ୱାର୍ଡ ସଭ୍ୟାସଭ୍ୟମାନେ ବାହାରେ ଠିଆ ହୋଇଛନ୍ତି।

**କଣିହାଁ, ୩୦।୧୨ (ଡି.ଏନ.ଏ.)**

କଣିହାଁ ବ୍ଲକ ସୁସୁବା ପଞ୍ଚାୟତ ଅଫିସରେ ସରପଞ୍ଚଙ୍କ ସ୍ୱାମୀ ତାଲା ପକାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ସୁସୁବା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକୁ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ଓ ସରପଞ୍ଚଙ୍କ ସ୍ୱାମୀ ଶିଶିର ସାମଲଙ୍କ ମଧ୍ୟରେ ଗୁରୁବାର ଯୁକ୍ତିତର୍କ ହୋଇଥିଲା। ପଞ୍ଚାୟତ ପିଅନ ରବିଚନ୍ଦ୍ର ମହାନ୍ତିଙ୍କ ଅଭିଯୋଗ ଅନୁସାରେ ଶିଶିର ସାମଲ ତାଙ୍କଠାରୁ ଚାବି ଛଡ଼ାଇ ନେଇ ଅଫିସରେ ତାଲା ପକାଇ ଦେଇଥିଲେ। ଶୁକ୍ରବାର ପଞ୍ଚାୟତ ବୈଠକ ଥିବାରୁ ୱାର୍ଡ ସଭ୍ୟମାନେ ବୈଠକରେ ଯୋଗ ଦେବାକୁ ଆସିଥିଲେ ହେଁ ତାଲା ଦେଖି ଛିଡା ହୋଇ ରହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ୱାର୍ଡ ସଭ୍ୟମାନେ ସରପଞ୍ଚଙ୍କ ବିରୋଧରେ ନାରାବାଜି କରିଥିଲେ। ଘଟଣା ସମ୍ପର୍କରେ କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର କହିଛନ୍ତି, ସରପଞ୍ଚଙ୍କ କେହି ଜଣେ ନିକଟ ସମ୍ପର୍କୀୟ ତାଲା ପକାଇଥିବା ନଜରକୁ ଆସିଛି। ଶନିବାର ସୁଦ୍ଧା ତାଲା ଖୋଲା ନ ଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ସିସିଟିଭି ନଜରରେ ରହିବ ବଜାର

**ଛେଣ୍ଡିପଦା,୩୦।୧୨(ସ୍ୱ.ପ୍ର.)**

ସିସି ଟିଭି ନଜରରେ ରହିବ ଛେଣ୍ଡିପଦା ଥାନା ଅଞ୍ଚଳର ପ୍ରମୁଖ ବଜାର। ମୁଖ୍ୟ ବଜାର ସମେତ ଜନଗହଳି ସ୍ଥାନରେ ଲାଗିବ ସିସି ଟିଭି କ୍ୟାମେରା। ଅନୁଗୋଳ ପୋଲିସ ପ୍ରଶାସନ ପକ୍ଷରୁ ଏଥିପାଇଁ ସିସିଟିଭି ସର୍ଭିଲାନ୍ସ ବ୍ୟବସ୍ଥା କରାଯାଇଛି। ଛେଣ୍ଡିପଦା ଥାନା ଦେଇ ଯାଇଥିବା ୬୩ନଂ ରାଜ୍ୟ ରାଜପଥର ଦେବଗଡ ଛକ, ମେଡିକାଲ ଛକ, ଥାନା ଛକ, ବ୍ଲକ ଛକ, ତହସିଲ ଆଦି ଅଞ୍ଚଳରେ ୨୧ଟି, କୋଶଳା, ଚନ୍ଦନନଗର, ମେଡିକାଲ ଛକ, ବଜାର, ହାଇସ୍କୁଲ ଛକ ଆଦିରେ ୧୧ଟି ଓ ବାଗଡିଆରେ ୩୧ଟିରୁ ଉର୍ଦ୍ଧ୍ୱ କ୍ୟାମେରା ଜାନୁୟାରୀରେ ଲଗାଯିବ ବୋଲି ଜଣୈକ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବାଗଡିଆରୁ କୋଶଳା ପର୍ଯ୍ୟନ୍ତ ରାଜପଥ ଉପରେ ଏହା ଲାଗାଯିବ। ଏହାପରେ ବ୍ୟବସାୟିକ ପେଣ୍ଠସ୍ଥଳ ଓ ଚିହ୍ନଟ ହୋଇଥିବା ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ କ୍ୟାମେରା ଲଗାଯିବ। ଏହି ସିସି ଟିଭିକୁ ଛେଣ୍ଡିପଦା ଥାନା ପକ୍ଷରୁ ତଦାରଖ କରାଯିବ।

## ଗଲେ ଜଗମୋହନ, ଆସିଲେ ସୁଧାଂଶୁ

### ବଦଳିଲେ ଅନୁଗୋଳ ଏସ୍‌ପି

**ଅନୁଗୋଳ ଅଫିସ,୩୦।୧୨**

ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ବଦଳି ହୋଇଛି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ତାଙ୍କୁ ଗଞ୍ଜାମ ଜିଲାକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ଅନୁଗୋଳ ଜିଲା ଏସ୍‌ପି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ଗଞ୍ଜାମ ଜିଲାର ଏସ୍‌ପି ଭାବେ କାର୍ଯ୍ୟରତ ଥିବା ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ବ୍ରିଜେଶ ରାୟଙ୍କୁ ପଦୋନ୍ନତି ଦିଆଯାଇ ଉତ୍ତର-କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଅନୁଗୋଳକୁ ବଦଳି କରାଯାଇଛି।



ଜଗମୋହନ ମୀନା।



ସୁଧାଂଶୁ ଶେଖର ମିଶ୍ର।

୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଜଗମୋହନ ମୀନା ୨୦୧୯ ଅଗଷ୍ଟ ୨୩ରେ ଅନୁଗୋଳ ଏସ୍‌ପି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଅନୁଗୋଳରେ ୩ ବର୍ଷ ୪ମାସ କାର୍ଯ୍ୟ କରିଥିବା ମୀନା ଅନେକ କ୍ଷେତ୍ରରେ ସଫଳତା ପାଇଥିବା ବେଳେ କିଛି କ୍ଷେତ୍ରରେ ବିଫଳତାର ସମ୍ମୁଖୀନ ହୋଇଥିଲେ। ବିଶେଷକରି କୋଭିଡ୍ ମହାମାରୀ ବେଳେ ଆଇନଶୃଙ୍ଖଳା ସହ ଖଣି ଖାଦାନ ଅଞ୍ଚଳରେ ହେଉଥିବା ଆନ୍ଦୋଳନ ରୋକିବାରେ ସଫଳ ହୋଇଥିଲେ। ନିଶା କାରବାର ଘଟଣାରେ ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିଥିଲେ। ତେବେ ସାଇବର ଅପରାଧ ଓ ବ୍ରାଉନସୁଗାର କାରବାର ତାଙ୍କ ସମୟରେ ଅନୁଗୋଳରେ ବଢ଼ିଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବାଲେଶ୍ୱରରୁ ଅନୁଗୋଳ ବଦଳି ହୋଇଥିବା ୨୦୧୨ ବ୍ୟାଚ୍ ଆଇପିଏସ୍ ଅଫିସର ସୁଧାଂଶୁ ଶେଖର ମିଶ୍ରଙ୍କ ପାଇଁ ଅନୁଗୋଳର ଆଇନ ଶୃଙ୍ଖଳା, ଖଣି ଖାଦାନ ସମସ୍ୟା ଓ ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ବଡ଼ ଚ୍ୟାଲେଞ୍ଜ ହେବ। ସାଧାରଣ ଲୋକଙ୍କୁ କିଭଳି ନ୍ୟାୟ ପ୍ରଦାନ କରାଯିବ ସେ ନେଇ ଅନୁଗୋଳବାସୀ ତାଙ୍କ ନିକଟରୁ ଆଶା ରଖିବେ। ସେହିପରି ନୂତନ ଡିଆଇଜି ଭାବେ ଯୋଗଦେବାକୁ ଥିବା ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ବ୍ରିଜେଶ କୁମାର ରାୟଙ୍କ ପାଇଁ ଅନୁଗୋଳ ଜିଲା ନୂଆ ନୁହେଁ। ପୂର୍ବରୁ ସେ ଏଠାରେ ଏସ୍‌ପି ରହିସାରିଛନ୍ତି। ତେବେ ଅନୁଗୋଳର ଡିଆଇଜି ଭାବେ ସେ ଯୋଗଦେବା ପରେ ତାଙ୍କ ଉପରେ ପୋଲିସ ଟ୍ରେନିଂ କଲେଜ ସହ ୩ ଜିଲାର ଦାୟିତ୍ୱ ରହିବ।

## ଜାତୀୟ ରାଜପଥ କାର୍ଯ୍ୟ ସମୀକ୍ଷା

**ଅନୁଗୋଳ ଅଫିସ, ୩୦।୧୨**

୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ସମ୍ପର୍କରେ ଶୁକ୍ରବାର ସମୀକ୍ଷା କରାଯାଇଛି। ଅନୁଗୋଳ ଉପଜିଲାପାଳ ବୈଡୁରା ଦୀପ, ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା, ବଅଁରପାଳ ତହସିଲଦାର ଜିତେନ୍ଦ୍ର କୁମାର ସାହୁ, ଡେପୁଟି କଲେକ୍ଟର ମନୀଷା ଗୁପ୍ତା, ଅମ୍ଳାନ ଅପରାଜିତା ମିଶ୍ର ମିଳିତ ଭାବେ ଏହି ସମୀକ୍ଷା କରିଛନ୍ତି। ଏହି ସମୟରେ ଏନ୍‌ଏଚ୍‌ଏଆଇର ଭାରପ୍ରାପ୍ତ ଠିକାଦାର ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ଉପଜିଲାପାଳଙ୍କ ସହ ରାଜସ୍ୱ ଟିମ୍ ଜାତୀୟ ରାଜପଥ ୫୫ ସମ୍ପ୍ରସାରଣ ନେଇ ବିସ୍ଥାପିତ ହୋଇଥିବା ସାଆନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥିତି ଯାଞ୍ଚ କରିବା ସହ ନୂତନ ଗୃହର କାର୍ଯ୍ୟ ସମୀକ୍ଷା କରିଥିଲେ। ଦୀର୍ଘଦିନ ଧରି ଏହି ବିଦ୍ୟାଳୟରେ ବିଦ୍ୟୁତ୍, ପାନୀୟ ଜଳ ଓ ରାସ୍ତା ନିର୍ମାଣ ନେଇ ସମସ୍ୟା ରହିଥିଲା। ଏହାପରେ ଜରପଡାସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ପହଞ୍ଚି କାର୍ଯ୍ୟ ସମୀକ୍ଷା ସହ ସପ୍ତାହକ ମଧ୍ୟରେ ସାରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମାନ ସ୍ଥିତିରେ ଥିବା କତଡା ପ୍ରାଥମିକ ବିଦ୍ୟାଳୟର ବିଦ୍ୟୁତ୍, ପାନୀୟ ଜଳ, ପାଚେରି ଓ ରାସ୍ତା ଅଗ୍ରଗତିର ସମୀକ୍ଷା କରିଥିଲେ। ଜାତୀୟ ରାଜପଥ ସମ୍ପ୍ରସାରଣ ଅଧୀନରେ ବିସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟକୁ କିପରି ସୁପରିଚାଳନା କରିହେବ ସେ ନେଇ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିଥିଲେ। ସେହିପରି ରନ୍ତଲେଇ ଠାରୁ ସନ୍ତ୍ରୀ ପର୍ଯ୍ୟନ୍ତ ଯାଇଥିବା ବାଇପାସ୍‌ର ନିର୍ମାଣ କାର୍ଯ୍ୟ ତାଦାରଖ କରିବା ସହ ଶୀଘ୍ର କାର୍ଯ୍ୟ କରିବାକୁ ଠିକା ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଅନୁଗୋଳ ସଦର ରାଜସ୍ୱ ନିରୀକ୍ଷକ ସୁବ୍ରତ ସତ୍ୟବ୍ରତ ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ କେଶବ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ କାର୍ଯ୍ୟ ତଦାରଖ କରୁଛନ୍ତି।

### ଜିଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ, ୩୦।୧୨**

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଜାନୁୟାରୀ ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେବେ। ଜାନୁୟାରୀ ୨ ତାରିଖ ପୂର୍ବାହ୍ନ ୧୦ଟାରେ କିଶୋରନଗର ବ୍ଲକ କାର୍ଯ୍ୟାଳୟଠାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଜାନୁୟାରୀ ୯ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ, ୧୬ ତାରିଖ ପୂର୍ବାହ୍ନ ୧୦ଟାରେ ବଅଁରପାଳ ବ୍ଲକ କାର୍ଯ୍ୟାଳୟ, ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ ଓ ୩୦ ତାରିଖ ପୂର୍ବାହ୍ନ ୧୦ଟାରେ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଜନଶୁଣାଣି ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଇଛି।

## ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବଇଣ୍ଡା, ୩୦।୧୨ (ଡି.ଏନ.ଏ.)**

କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଚାଲିଆସିଥିବା ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଏବିଡିଓ ରାହାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଡ. ନବୀନ କୁମାର ପ୍ରଧାନ, ପ୍ରଶିକ୍ଷଣ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ରଞ୍ଜିତ ସାହୁ, ଅଧ୍ୟାପକ ତରଣୀ ସେନ ସାହୁ, କୁଳମଣି ମେହେର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ ଯୋଗଦେଇ ଏନ୍‌ଏସ୍‌ଏସ୍‌ର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ରୋଜାଲିନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦିବସରେ ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମନୋଜ ମହାପାତ୍ର ଯୋଗଦେଇ ବାଲ୍ୟ ବିବାହ ରୋକିବା ଓ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶ୍ରେଷ୍ଠ ଶିବିରାର୍ଥୀ ଭାବେ ଗଣେଶ୍ୱର ପ୍ରଧାନ ଓ ବର୍ଷାରାଣୀ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

## ତାଳଚେରବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ତାଳଚେର, ୩୦।୧୨ (ନି.ପ୍ର.)**

ତାଳଚେର ମାଟିର ସୁପୁତ୍ର, ବରିଷ୍ଠ ଶ୍ରମିକନେତା ସ୍ୱର୍ଗତ ଦ୍ୱାରିକା ମୋହନ ମିଶ୍ରଙ୍କୁ ତାଳଚେରବାସୀଙ୍କ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ହାଟତୋଟାସ୍ଥିତ ପ୍ରେସ୍ କ୍ଲବ ଠାରେ ଆୟୋଜିତ ଶୋକସଭାରେ ସହରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶୋକପ୍ରକାଶ କରିଥିଲେ। ତାଳଚେର ସିଟିଜେନ ଫୋରମ୍ ଦ୍ୱାରା ଆୟୋଜିତ ଏହି ଶୋକସଭାରେ ଆବାହାକ ଜିତେନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଦ୍ୱାରିକାମୋହନ ନିଜର ନିଷ୍ଠା, ତ୍ୟାଗ ଯୋଗୁ ରାଜ୍ୟର ଜଣେ ବଳିଷ୍ଠ ଶ୍ରମିକନେତା, ବିଭିନ୍ନ ବୋର୍ଡର ଅଧ୍ୟକ୍ଷ ପଦ ପାଇବା ସହ ଢେଙ୍କାନାଳ ଦତ୍ତାତ୍ରୟ ଆଶ୍ରମର ପ୍ରତିଷ୍ଠାତା ହୋଇ ଆଧାତ୍ମିକ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଶୋକ ସଭାରେ ମତ ପ୍ରକାଶ ପାଇଥିଲା। ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କେଶବ ଭୂତିଆ, ସୁଶ୍ରୀ ଶୋଭାଗିନୀ ଦାସ, ସାମାଜିକ କର୍ମୀ ଚିନ୍ତାମଣି ମହାପାତ୍ର, ଶ୍ରମିକନେତା ଆନନ୍ଦ ଆଚାର୍ଯ୍ୟ, ଭାଗ୍ୟରଥି ମହାପାତ୍ର, ବରିଷ୍ଠ ଓକିଲ ଜମ୍ବେଶ୍ୱର ପଟ୍ଟନାୟକ, କାଉନସିଲର ସଞ୍ଜୀବ ଗଡ଼ନାୟକ, କଂଗ୍ରେସ ନେତା ପ୍ରଫୁଲ୍ଲ ନାଏକ, ସାମାଜିକ କର୍ମୀ ଅଭୟ ପାଣି, ସେବାଦଳ ନେତା ସଞ୍ଜୀବ ନାଏକ, ସାମାଜିକ କର୍ମୀ ବେଣୁଧର ଦାସ, ପ୍ରଦୀପ ମହାରଣା ପ୍ରମୁଖ ଯୋଗଦେଇ ଥିଲେ। ବେଣୁଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଲୋକ ଦେଖାଣିଆ



### ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ

**ଅନୁଗୋଳ ଅଫିସ, ୩୦।୧୨**

ଅନୁଗୋଳବାସୀଙ୍କ ଦୀର୍ଘଦିନର ଦାବି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ସୁପର ସ୍ପେଶାଲିଟି ଡାକ୍ତରଖାନା ନିର୍ମାଣ, ମରଣଯନ୍ତାରେ ଥିବା ରାଜପଥ ପ୍ରତି ଆଖିବୁଜିଦେଇ ମୁଖ୍ୟମନ୍ତ୍ରୀ ଲୋକ ଦେଖାଣିଆ ଭାବେ ଅର୍ଦ୍ଧନିର୍ମିତ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଥିବା ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ସ୍ଥାନୀୟ କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ବିପ୍ଳବ ଜେନା ଏପରି କାର୍ଯ୍ୟକ୍ରମକୁ ନିନ୍ଦା କରିବା ସହ ତୁରନ୍ତ ଜିଲାର ସମସ୍ୟା ପ୍ରତି ଦୃଷ୍ଟି ଦିଆ ନ ଗଲେ ପରବର୍ତ୍ତୀ ସମୟରେ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଅନୁଗୋଳ ଆସି ଷ୍ଟାଡିୟମ ଭିତରେ ରହି ଜିଲାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ଜିଲାବାସୀଙ୍କ ପାଇଁ କ୍ରୂର ଉପହାସ। ଏପରି ବ୍ୟୟବହୁଳ କାର୍ଯ୍ୟକ୍ରମ ନ କରି ମୁଖ୍ୟମନ୍ତ୍ରୀ ଏହି ଉଦ୍‌ଘାଟନ ଓ ଶିଳାନ୍ୟାସ ଭିଡିଓ କନଫରେନ୍ସରେ ମଧ୍ୟ କରିପାରିଥାନ୍ତେ ବୋଲି ମିଡିଆ ସେଲ୍ ଅଧ୍ୟକ୍ଷ ଗୋପାଳ ନାଥ କହିଥିଲେ। ଜିଲା ଖଣିଜ ପାଣ୍ଠିରେ ଦୁର୍ନୀତି ହୋଇଛି ବୋଲି ଭାଜପା କହୁଥିବା ବେଳେ ତଦନ୍ତ ପାଇଁ କାହିଁକି ଆଗଭର ହେଉନାହାନ୍ତି ବୋଲି ରାଜ୍ୟ ଓବିସି ସେଲ୍ ସାଧାରଣ ସମ୍ପାଦକ ପ୍ରଶ୍ନ କରିଥିଲେ। ଦରବୃଦ୍ଧି ଓ ବେକାରି ସମସ୍ୟା ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଆଖିବୁଜି ଦେଇଥିବାରୁ ଗ୍ରାମାଞ୍ଚଳରେ ଅସନ୍ତୋଷ କୁହୁଳୁଥିବା ଜିଲା କଂଗ୍ରେସ ଉପସଭାପତି ଚିତ୍ତରଞ୍ଜନ ନାଏକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ସୁଦୀପ ମିଶ୍ର, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରାଜେଶ ମିଶ୍ର ଉପସ୍ଥିତ ଥିଲେ। ଜିଲା ଏସ୍‌ସି ସେଲ୍ ଅଧ୍ୟକ୍ଷ ନୀଳକଣ୍ଠ ନାଏକ ଧନ୍ୟବାଦ ଦେଇଥିଲେ।

## କିଶୋରନଗର କପ୍: ବରଗଡ଼ ଚାମ୍ପିୟନ

**ବଇଣ୍ଡା, ୩୦।୧୨ (ଡି.ଏନ.ଏ.)**

କିଶୋରନଗର ବରପଡିଆ ଠାରେ ଚାଲିଥିବା କିଶୋରନଗର କପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାୟପୁର ଦଳ ବ୍ୟାଟିଂ କରି ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ବରଗଡ଼ ଦଳ ୧୧୫ ରନ କରି ଚାମ୍ପିୟନ ହୋଇଥିଲା। ଟୁକୁ ବାହାଦୁର, ଅମରେଶ ପ୍ରଧାନ, ବିଭୂଦତ୍ତ ପ୍ରଧାନ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନୀ କାନ୍ତ ପ୍ରଧାନ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଓସିଏ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ, ଜଏରାଟ ସରପଞ୍ଚ ବିଜୟ ରଥ, ଧଡରପାଳ ସରପଞ୍ଚ କ୍ଷମାନିଧି ପ୍ରଧାନ, ବିଲେଇନାଳି ସରପଞ୍ଚ ବବିତା ପ୍ରଧାନ, କ୍ଲବ ସଭାପତି ବିଭୁଦତ୍ତ ପ୍ରଧାନ, ମତିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।




ଚାମ୍ପିୟନ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

